# ଉତ୍କର୍ଷ

ଆମେରିକୀୟ ଓଡ଼ିଆ ସମାଜର ମୁଖପତ୍ର

ଶୀତ ୨୦୨୬ ସଂସ୍କରଣ



# UTKARSHA

THE JOURNAL OF THE ODISHA SOCIETY OF THE AMERICAS

WINTER 2026 EDITION

# UTKARSHA

A NEWSLETTER OF
ODISHA SOCIETY OF AMERICAS

WINTER 2026 EDITION

# ଉତ୍କର୍ଷ

ଆମେରିକୀୟ ଓଡ଼ିଆ ସମାଜର ମୁଖପତ୍ର

ଶୀତ ୨୦୨୬ ସଂସ୍କରଣ

**Nageswar Rajanala**
President

ନାଗେଶ୍ୱର ରାଜନାଲ୍
ସଭାପତି





**Utkal Nayak**
Vice-President

ଉତ୍କଳ ନାୟକ
ଉପ-ସଭାପତି

**Snigdha Hota**
Secretary

ସ୍ନିଗ୍ଧା ହୋତା
ସମ୍ପାଦକ





**Sanjeeb Rout**
Treasurer

ସଞ୍ଜୀବ ରାଉତ
କୋଷାଧ୍ୟକ୍ଷ

Editorial Section

ସମ୍ପାଦନା ମଣ୍ଡଳୀ











**Nil Bisoi**

ନୀଳମାଧବ ବିଶୋଇ

**Sarita Nayak**

ସରିତା ନାୟକ

**Debu Panda**

ଦେବୁ ପଣ୍ଡା

**Devika Tripathy**
**&**
**Simoni Mishra**

ଦେବୀକା ତ୍ରିପାଠୀ
ଏବଂ
ସିମୋନୀ ମିଶ୍ର

Design – Photography – Typeset
PRABHU

ଅଳଙ୍କରଣ – ଛାୟାଚିତ୍ର – ମୁଦ୍ରାକାର
ପ୍ରଭୁ

# ସୂଚୀପତ୍ର

# CONTENTS



**COVER PAGE**

**A WINTER WHITE ROAD OF ALBERTA**



**Travelling through Alberta in winter was an unforgettable experience. Everywhere you look, the landscape was draped in pristine white trees, rivers, lakes, homes, and endless stretches of countryside. The breathtaking beauty of this snow-covered world created a mesmerizing journey from beginning to end.**
**In the following pages, readers will find glimpses of Alberta's enchanting winter landscapes as they unfolded along the way. May these images allow you to experience the serenity, wonder, and timeless charm of this remarkable journey.**
**Enjoy the magic of Alberta in winter; white, white, all the way.**






**ସୂଚୀପତ୍ର - CONTENT** ୦୦୨
ଓସା ସଞ୍ଚାର ମଞ୍ଚ ୦୦୩



ସମ୍ପାଦକୀୟ – ଓଡ଼ିଆ ୦୦୫
ଓଡ଼ିଆ ବିଭାଗ ୦୦୮
ଓଡ଼ିଆ ବିଭାଗ - କବିତା ୦୦୯



ଶେଷ ରଜନୀ – ପ୍ରବୀର ଦାଶ ୦୧୦
କାଳିଆ, ଲେଖୁଛି ଗୀତଟିଏ – କବିତା ପାତ୍ରୀ ୦୧୧
ଭାବର ଠାକୁର – ତପତୀ ଦାଶ ୦୧୨



ଓଡ଼ିଆ ବିଭାଗ - ଗଳ୍ପ ୦୧୩
ଚିନ୍ତାର ଦୋଛକିରେ – ବିଜ୍ଞାନୀ ଦାସ ୦୧୪
ଓଡ଼ିଆ ବିଭାଗ - ପ୍ରବନ୍ଧ ୦୨୦
ଆଧୁନିକ ଓଡ଼ିଆ ସାହିତ୍ୟ; ଚିନ୍ତା, ଆହ୍ୱାନ ଓ ମନନ – ପ୍ରଭୁ ୦୨୧



**ENGLISH SECTION** 023
**ENGLISH SECTION - POETRY** 024
The True Path to Success – Debasmita Mishra 025
A Small Drip of Memory; The Child I Carry – Prachi Mohanty 026
Emotions – Salony Mohanty 028
Silent Love – Sarita Naik 030
Who Can Uplift Us – Swetapadma Dash 032





**ENGLISH SECTION – PROSE** 034
A User's Guide for the Fragile Future – Surashri M Pahi 035
Designing Belonging – Sai Damini Sahu 037
Rise by Lifting Roots – Dr. Damodar Sahu 039
The Quiet Strength of Identity – Namita Sahu 042
Small Actions, Big Impact – Shohani Sahu 044



**ENGLISH SECTION - ESSAY** 046
Everyone. Everything. Every No-Thing – Charudutta Panigrahi 047



**OSA – CHAPTER & COMMITTEES** 052
OSA Odia Learning 053



**OSA – ADMINISTRATION SECTION** 056
OSA Executives & staff 2025-27 057

# ଓସା
# ସଞ୍ଚାର ମଞ୍ଚ

# OSA
# SOCIAL MEDIA



# STAY CONNECTED WITH OSA'S JOURNEY:

facebook.com/OdishaSocietyOfTheAmericas

@odisha_society_of_americas

facebook.com/groups/1902803256640735

osa2026.osaconventions.org

# ସମ୍ପାଦକୀୟ

# EDITORIAL





## ॥ ସମ୍ପାଦକୀୟ ॥

### ଏକ ନୀରବ ଦାର୍ଶନିକ : ଶୀତଋତୁ

"ହିମାଚ୍ଛାଦିତ ପର୍ବତମାଳାର ସ୍ନିଗ୍ଧ ସାନ୍ନିଧ୍ୟରେ ଶୁପ୍ତ,
ନୀରବ ସୌନ୍ଦର୍ଯ୍ୟର ଗୀତ,
ଜ୍ୟୋତିର୍ମୟ ତାପସର ଶାନ୍ତ ଧ୍ୟାନରେ ଧ୍ୱନିତ,
ସେ ଏକ କୋମଳ ଧୂପର ପାଠ,
ଉଷ୍ଣତା ଓ ଆଲୋକର ଆଳାପ ଅନନ୍ତ ଯହିଁ,
ହୀରଣ୍ମୟ ଦିଗ୍‌ବଳୟ ଯା'ର ତୁଷାରେ ଶୋଭିତ,
ପ୍ରତ୍ୟେକ ହିମକଣାର ସୁଲଳିତ ନୃତ୍ୟ ମଧ୍ୟେ
ଏକ ଜୀବଦାୟୀ ଆଗାମୀ ଋତୁର
ଅବିଚଳିତ ପ୍ରତୀକ୍ଷାର ନାମ : ଶୀତ"

ଷଡ଼ ଋତୁ ମଧ୍ୟରେ ଶୀତ ଋତୁର ଏକ ନିଆରା ଗମ୍ଭୀରତା ଓ ଗରିମା ରହିଛି । ବସନ୍ତ ଯଦି ଆଶାର ଋତୁ, ଗ୍ରୀଷ୍ମ ସମୃଦ୍ଧିର ଋତୁ ଏବଂ ଶରତ ପରିପୂର୍ଣ୍ଣତାର ଋତୁ, ତେବେ ଶୀତ ହେଉଛି ଚିନ୍ତନ ଓ ଆତ୍ମମନ୍ଥନର ଋତୁ । ଶରତର ଶେଷ ପତ୍ରଟି ପବନର ଆଶ୍ୱାସିତ ସ୍ପର୍ଶ ପାଇ ଝରିଯିବା ପରେ ଯେବେ ପତ୍ରଶୂନ୍ୟ ବୃକ୍ଷରାଜି ନିଜ ନିଜ ରିକ୍ତ ବୁକୁ ପ୍ରସ୍ତୁତ କରନ୍ତି ଅଗଣିତ ଶିଶିର ଓ ଅସରନ୍ତି ତୁଷାରର ଆଗମନୀ ଆବୋରି ନେବାକୁ, ସେତେବେଳେ ନିରାଡମ୍ବର, ନିର୍ଲିପ୍ତ ତାପସଟିଏ ପରି ଅବତରିତ ହୁଏ ଶୀତ, ରଙ୍ଗୀନ ଶରତକୁ ବିଦାୟ ଦେଇ, ମନ୍ଥର ପାଦ ଥାପି ପୃଥିବୀକୁ ଏକ ଗଭୀର ନୀରବତାରେ ଆବୃତ କରିବା ପାଇଁ ! ଏହା କେବଳ ପ୍ରକୃତିର ରୂପକୁ ବଦଳାଏ ନାହିଁ, ଏହା ମଣିଷର ଚିନ୍ତାଧାରା ଓ ଜୀବନର ଗତିକୁ ମଧ୍ୟ ପରିବର୍ତ୍ତନ କରେ । ବର୍ଷର ଅଧିକାଂଶ ସମୟ ବୃଦ୍ଧି ଓ ବିକାଶରେ ବ୍ୟସ୍ତ ଥିବା ପ୍ରକୃତି ଏହି ସମୟରେ ହୁଏ ଅନ୍ତର୍ମୁଖୀ, ଓ ଦାର୍ଶନିକ ସାଜେ ଶୀତ ଋତୁ, ଶିଖାଏ- ସୌନ୍ଦର୍ଯ୍ୟ କେବଳ ବିକାଶରେ ନୁହେଁ, ସ୍ଥିରତାରେ ମଧ୍ୟ ନିହିତ ଥାଏ ।

ସୁନ୍ଦର ତୁଷାରର ସ୍ନିଗ୍ଧ ଭାଷାରେ କଥା କହେ ଶୀତ ! ପର୍ବତ, ଉପତ୍ୟକା ଓ ଧରଣୀର ପଣତକୁ ଏକ ଧବଳ ଶାନ୍ତିରେ ଆବୃତ କରି ସାଧାରଣ ଦୃଶ୍ୟକୁ ସ୍ୱପ୍ନମୟ ରୂପ ମଧ୍ୟ ଦେଇଥାଏ । କବିମାନେ ସଦା ତୁଷାରାବୃତ ପ୍ରକୃତିରୁ ପ୍ରେରଣା ପାଇଛନ୍ତି ଓ ଶ୍ୱେତ ବର୍ଣ୍ଣର ସୌନ୍ଦର୍ଯ୍ୟମୟୀ ଉପତ୍ୟକାକୁ ଲେଖନୀ ମୁନରେ ଧରି ରଖି ଦୂର ଦିଗନ୍ତକୁ କଳ୍ପନାର ଡେଣା ଦେଇଛନ୍ତି । ଏପରି ପରିବେଶରେ ଶୀତ ରାତିର ସ୍ୱପ୍ନମାନେ ଅଧିକ ଗଭୀର ହୋଇଯାନ୍ତି, ଯେଉଁଠାରେ ନିଃଶବ୍ଦତା ଜୀବନ୍ୟାସ ପାଏ, ଏକ କୋମଳ ଉଷାର ଉଷ୍ମ ପ୍ରତୀକ୍ଷାରେ । ଶୀତର

ପ୍ରତ୍ୟେକ ପ୍ରଭାତ ସତେ ଯେମିତି ରଚେ ଏକ ଗୀତି କବିତା, ଏକ ନିରାମୟ ଚମତ୍କାରର ସୁବର୍ଣ୍ଣ କିରଣ ପୃଥିବୀକୁ ଛୁଇଁ ଯିବା ପରେ । ଶୀତଳ ରାତିର ସ୍ୱପ୍ନ ଉଷାର ରବି-ରଶ୍ମୀରେ ଏକାକାର ହୋଇ ଜୀବନକୁ ପୁଣିଥରେ ଜାଗ୍ରତ କରେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଶରତ ହେଉଛି ଫସଲ ଅମଳର ସମୟ, ଯାହା ପରେ ଶୀତ ନଇଁ ଆସି କୃଷକ ଓ ମାଟି ଉଭୟଙ୍କୁ ଦିଏ ବିଶ୍ରାମ; ତଥା ଭାରତରେ ମଧ୍ୟ ମକର ସଂକ୍ରାନ୍ତି, ପୋଙ୍ଗଲ ଓ ଲୋହରୀ ପରି ଅନେକ ଶସ୍ୟ ଅନୁରାଗୀ ଉତ୍ସବ ଏହି ସମୟରେ ପାଳିତ ହୁଏ । ମାନବୀୟ ଶ୍ରମର ଉତ୍କର୍ଷ ଓ ଉଦାର ପ୍ରକୃତି ପ୍ରତି ଅଶେଷ କୃତଜ୍ଞତାର ଚକ୍ରକୁ ପ୍ରତିଫଳିତ କରେ ଶୀତଋତୁର ଅନନ୍ୟ ସମୟ । ମନୋହର ତୁଷାରାଚ୍ଛନ୍ନ ପର୍ବତ ଶିଖରର ସନ୍ଧିରୁ ବହି ଆସୁଥିବା ଅଳସୀ ଝରଣାର ଅର୍ଦ୍ଧ ନିମିଳିତ ସୁମଧୁର ପ୍ରବାହ ନିଘଞ୍ଚ କେଉଁ ଜଙ୍ଗଲରେ ସୃଷ୍ଟି କରେ ଦିବ୍ୟ ଝଙ୍କାର । ସମ୍ଭାବିତ ପରିପୂର୍ଣ୍ଣା ନଦୀଟିଏର ଏହି ଆଦ୍ୟାବସ୍ଥାର ଦୃଶ୍ୟ ସ୍ଥିରତା ଓ ପରିବର୍ତ୍ତନର ଏକ ମନୋରମ ଅବସ୍ଥାନ୍ତର, ଯେଉଁଠାରେ ପରିବର୍ତ୍ତନ ଆକସ୍ମିକ ନ ହୋଇ ଧୈର୍ଯ୍ୟ-ମଣ୍ଡିତ ହୋଇଥାଏ । ଠିକ୍ ସେତିକି ବେଳେ ମୃତ୍ତିକା ତଳର ଅନ୍ଧକାରରେ ଜାକିଜୁକି ହୋଇ ରହିଥାନ୍ତି ଟ୍ୟୁଲିପ ଓ ଅନ୍ୟାନ୍ୟ ଫୁଲର ସୁକୁମାର କନ୍ଦ ମାନେ, ନୀରବ-ପ୍ରସ୍ତୁତି କରୁଥାନ୍ତି ଅହରହ, ଏକ ଅବଶ୍ୟମ୍ଭାବୀ ବସନ୍ତ ପାଇଁ । ନବଜୀବନର ଏହି ଦୈବୀ ଆଭାସ ଅବଗତ କରାଏ ଯେ ବିକାଶ ସବୁବେଳେ ଦୃଶ୍ୟମାନ ନୁହେଁ; ବରଂ ସର୍ବଂସହା ସମୟର ଗର୍ଭରେ ମଧ୍ୟ ଜନ୍ମ ନେଇଥାଏ ବିକାଶର ଅରୂପ ଅଙ୍କୁର ।

ଶୀତ ହେଉଛି ଏକ ଅଦ୍ଭୁତ ବିରୋଧାଭାସର ଋତୁ, ଯାହାର ଶୀତଳ, ବାହ୍ୟ ଆଭରଣ ତଳେ ବଞ୍ଚି ରହିଥାଏ ଜୀବନର ଉଷ୍ମ ସୌନ୍ଦର୍ଯ୍ୟ, ଯାହା ପୃଥିବୀକୁ ଧୀର କରିଦିଏ, କିନ୍ତୁ ନୂତନ ଜୀବନ ପାଇଁ ମଧ୍ୟ ପ୍ରସ୍ତୁତ କରେ । ତୁଷାରାବୃତ ସ୍ୱପ୍ନ, ଝଙ୍କାରମୟ ଝରଣା ଓ ସୁବର୍ଣ୍ଣ ସକାଳର ଉଦ୍ଦୀପନାରେ ଭରା ଶୀତଋତୁ ଚିରନ୍ତନ, ଏହାର କଠୋର ଶୀତଳତା ସମାପ୍ତି ନୁହେଁ, ବରଂ ନିଜ ଭିତରେ ସମ୍ପୂର୍ଣ୍ଣ ବିକାଶର ପ୍ରାରମ୍ଭ, ଯାହା ଏରୁଣ୍ଡି ସେପାରିରେ ଅପେକ୍ଷାରତ, ସେହି ଆଗାମୀ ବସନ୍ତର ଏକ ଅନ୍ତର୍ନିହିତ ପ୍ରତିଶ୍ରୁତି ମଧ୍ୟ ।

ଧନ୍ୟବାଦ!

ଦେବୀକା ତ୍ରିପାଠୀ

ସମ୍ପାଦିକା

ଓଡ଼ିଆ ବିଭାଗ

ସିମି ଭ୍ୟାଲି, କାଲିଫୋର୍ଣ୍ଣିଆ



# ଓଡ଼ିଆ ବିଭାଗ

# ODIA SECTION

# କବିତା

# POETRY



# ॥ ଶେଷ ରଜନୀ ॥

ରଜନୀ ଗୋ ଆଜ ତୁମେ ନ ଯାଅ ଢଳି
ବାହୁରେ ମୋ ଚନ୍ଦ୍ରମୁଖୀ ସରଗ ଚାନ୍ଦଠୁ ବଳି ।

ନୟନ ତା' ମଦଭରା, କରେ ମୋତେ ମତୁଆଲା
ଥମି ଯା' ନିଶି ତୁ କ୍ଷଣେ, ପିଇବି ମୁଁ ମନଭରି ।

କଞ୍ଜ ଅଧର ଫାଙ୍କେ ଚହଟେ ମୁକୁତା ମାଳି
ଗୋଧୂଳି ଲାଲ୍ ଦିଗନ୍ତେ ଉଡ଼ି ଯା'ନ୍ତି ହଂସରାଳି ।

ନବିତ ଆଗୋ ଯାମିନୀ ନ ଯାଉ ସଖୀ ମୋ ଚାଲି
ମୋ ଜୀବନରେଣୁ ଗର୍ଭେ ବାକି ଯେ କିଞ୍ଚିତ ବାଲି ।

**ପ୍ରବୀର ଦାଶ**
ନାଶ୍‌ଭିଲେ
ଯୁକ୍ତରାଷ୍ଟ୍ର ଆମେରିକା



# ॥ କାଳିଆ, ଲେଖୁଛି ଗୀତଟିଏ ॥

କାଳିଆ ତୋ ପାଇଁ ଲେଖୁଛି ଗୀତଟିଏ
କରିବୁ କି ତୋର ଦ୍ୱାରେ ମୋତେ ଦୀପଟିଏ

ଦୀପ ହୋଇ ଜଳୁଥିବି ତୋ ଦ୍ୱାରେ ବସିଥିବି
ସଦା ତୋର କଳା ମୁଖ ଦର୍ଶନ କରୁଥିବି

ଜଳି ଜଳି ସରିଗଲେ ଜୀବନ ମୋର ସାର୍ଥକ ହେବ
ତୋ ପାଦ ପଦ୍ମରେ  ମୋତେ ସ୍ଥାନ ଟିକେ ମିଳିଯିବ

କାଳିଆ କରିବୁ କି ମୋତେ ତୋର ପ୍ରିୟ ତୁଳସୀ
ତୋ ଚରଣ ସେବାରେ ମୁ ହେଉଥିବି ନିତି ଖୁସି

କାଳିଆ କରିଦେବୁ ତୋର ଗଳାର ପୁଷ୍ପ ହାର
ସଜ ଫୁଲେ ଦିଶୁଥିବୁ ସତେ କି ତୁ ସୁନ୍ଦର

ନିତି ଲେପିଦେବି ଶରୀରେ ଚନ୍ଦନ ଅଗୁରୁ ତୋର
ପିଠା ମିଠା ଫଳ ବାଢ଼ିବି ଯାହା ପ୍ରିୟ ତୋର

ତୋ ପାଇଁ ଗୀତ ଲେଖି କେତେ ଖୁସି ହେଲି
ତୁଳସୀ ଜଟ ହୋଇ ବ୍ରହ୍ମ ଦେହେ ଲାଗିଗଲି

ଧୂପ ଦୀପ ଦେଇ ରାତି ଜଗି ମୁଁ ବସିଲି
ନାନା ଫୁଲ ଦେଇ ତୋତେ ସଜେଇ ରଖିଲି

କାଳିଆ ଏତିକି କରିବାକୁ ସୁଯୋଗ ଦେଲୁ
ମୋର ଖୁସି ଲୁହରେ ତୋ ପାଦ ପଖାଳିଲୁ

ଧନ୍ୟ ମଣୁଛି ନିଜକୁ ମୋର ପାପ ନାଶିଦେଲୁ
ମୁଁ ଭକତ ନ ହୋଇ ସୁଦ୍ଧା ଭକତ ଡୋରରେ ବାନ୍ଧିଦେଲୁ

ଶେଷରେ ଏହି ମିନତି କରେ ଆହେ ମହା ବାହୁ
ତୋର ନାମ ନେଇ ମୋର ଏଇ ଜୀବନ ଯାଉ

**କବିତା ପାତ୍ରୀ**
ଫ୍ରିସ୍କୋ, ଟେକ୍ସାସ୍
ଯୁକ୍ତରାଷ୍ଟ୍ର ଆମେରିକା



# ॥ ଭାବର ଠାକୁର ॥

କେହି ଏଠି ନାହିଁ ବଡ଼, ନାହିଁ କେହି ଛୋଟ,
ପୁଣ୍ୟମୟ ଏଇ ଧାମେ ନାହିଁ କିଛି ପାପ ।
ଜନ୍ମ ଆଉ କର୍ମ ଏଠି ବାନ୍ଧିଛି ସଭିଙ୍କୁ,
ଭୁଲାଇ ସବୁ ବେଦନା ଡାକନ୍ତି ଜଗନ୍ନାଥଙ୍କୁ ।
ଭାବକୁ ନିକଟ ସେ, ଅଭାବକୁ ଦୂର,
ସେଥିପାଇଁ ତ ସମସ୍ତଙ୍କର ସେ ଭାବର ଠାକୁର ।

ଥରେ ଡାକ ଅନ୍ତରରୁ, ଦେଖ ତାଙ୍କ ଲୀଳା,
ସବୁକିଛି ରଚିଛନ୍ତି ଲଗାଇ ଭାବର ଭେଳା ।
ଦେଖୁଛନ୍ତି  ସର୍ବେ ଏଠି ବ୍ୟସ୍ତ ନିଜ ସ୍ୱାର୍ଥେ,
ପରସ୍ପର ଈର୍ଷା ଭରା, ଦୟା ନାହିଁ ଚିତ୍ତେ ।

ଝୁରୁଛନ୍ତି ସେ ଗୁଣ୍ଡୁଚିକୁ ଦ୍ୱାପର ଯୁଗର,
ଲୋଟିଯାଏ ନିରନ୍ତରେ ଟିକେ ସେବିବ ଈଶ୍ୱର ।
ନାହିଁ ଆଉ ସେ ଶବରୀ, ନାହିଁ ସେ ବିଦୁର,
ନାହିଁ ସେଇ ଆତୁରତା, କି ପୂଜିବ ପୟର ।

ଆଜି ଏଇ ପୁଣ୍ୟ ତିଥିରେ ମାଗୁଛି ହେ ମହାପ୍ରଭୁ,
କ୍ଷମା କର ସମସ୍ତଙ୍କୁ  ଏଡ଼ି  ଦୋଷ  ତ୍ରୁଟିକୁ
ପୂଜି ତୁମ ପଦ୍ମପାଦ ହେଉ ଜୀବନ ଧନ୍ୟ,
ଆଶୀଷ ବରଷି ଦିଅ, ହେ ଦୟାମୟ ଠାକୁର ଅନନ୍ୟ ।



**ତପତୀ ଦାଶ**
ହ୍ୟୁଷ୍ଟନ୍, ଟେକ୍ସାସ୍
ଯୁକ୍ତରାଷ୍ଟ୍ର ଆମେରିକା

# ଗଳ୍ପ

# STORY



# ॥ ଚିନ୍ତାର ଦୋଛକିରେ ॥

ଏଇଟା ସେଇ ଏକା ଘର । ଘର ଆଗରେ ଥିବା ଲନ୍‌ର ଘାସ ବହଳିଆ ସବୁଜିଆ ରଙ୍ଗରେ ଏକ ସୁନ୍ଦର ଗାଲିଚା ପାରିଦେଇଛି । ତା' ସହିତ ମଝିରେ ଥିବା ଛୋଟ ଜଳଫୁଆରର ଚାରିପଟେ ବିଭିନ୍ନ ରଙ୍ଗର ଗୋଲାପ ଫୁଲ, ସଦାବିହାରୀ ଫୁଲ, ଓ ଜିନିଆ ଫୁଲ ଫୁଟି ରଙ୍ଗୀନ୍ ପରିବେଶ ସୃଷ୍ଟି କରୁଛନ୍ତି । ଘର ଭିତରେ ଯେ ଏମିତି ଭଙ୍ଗାରୁଜା, ପୋଡାଜଳା ହୋଇ ରୂପ ବଦଳିଯାଇଛି, ସେସବୁ ବାହାରୁ ଜଣା ପଡୁନଥିଲା । ସୁଶାନ୍ତ କିଛି ସମୟ ଲନ୍‌ର ସେ ଘାସ ଗାଲିଚା ଉପରେ ବସିଗଲେ । ଘର ଭିତରେ ଠିକାଦାରର କର୍ମୀ ମାନେ ତାଙ୍କ ଘର ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ ।

୨୦୨୫ ମସିହାର ଜୁଲାଇ ମାସ । ଦିନ ୧୨ଟା ପରେ ପ୍ରବଳ ଗରମ ହୁଏ । ସେଥିପାଇଁ ସକାଳୁ ଆସି ସୁଶାନ୍ତ ନିଜ ଘର ସାମନାରେ ବସି ଭିତରେ ହେଉଥିବା କାମପାଇଁ ନିର୍ଦ୍ଧାରିତ କରାଯାଇଥିବା ଠିକାଦାରର କର୍ମୀମାନଙ୍କର କାର୍ଯ୍ୟକଳାପ ଦେଖୁଛନ୍ତି ।

ଛତିଶି ବର୍ଷ ତଳେ ଏ ଘର କିଣା ହୋଇଥିଲା । ଘରେ ଦୁଇ ଝିଅ ଥିଲେ । ସ୍କୁଲ ଯାଉଥିଲେ । ସାଙ୍ଗସାଥୀ ମାନଙ୍କ ସହିତ ମିଶି ଘରେ ସ୍କୁଲର ପ୍ରୋଜେକ୍ଟ୍ କରୁଥିଲେ । ସଙ୍ଗୀତ ଅଭ୍ୟାସ କରୁଥିଲେ । ନାଚ ଅଭ୍ୟାସ କରୁଥିଲେ । ଘରଟି ପିଲା ଦୁହିଁଙ୍କର ହିଁ ଥିଲା କହିଲେ ଚଳେ । ନିଜେ ସୁଶାନ୍ତ ଗୋଟିଏ ବଡ କଂପାନୀର ଭାଇସ୍ ପ୍ରେସିଡେଣ୍ଟ୍ ଥିଲେ । ପ୍ରତି ମାସରେ ଇଆଡେସିଆଡେ ଯିବାଆସିବା । ପତ୍ନୀ  ଶାନ୍ତା ଜଣେ ଗବେଷିକା । ସିଏ ଏକ ସରକାରୀ ସଂସ୍ଥାରେ କାମ କରୁଥିଲେ । ପ୍ରତିଦିନ ସକାଳ ୮ଟାରେ ଘର ଛାଡନ୍ତି ଓ ସନ୍ଧ୍ୟା ୬ଟାରେ ଫେରନ୍ତି । ପିଲାମାନେ ଯେବେ ଛୋଟ ଥିଲେ, ଶାନ୍ତାର ବାପା, ମା' ଓ ସୁଶାନ୍ତର ବାପା, ମା' ପାଳି କରି ଭାରତରୁ ଆମେରିକା ଆସନ୍ତି । ନାତୁଣୀ ମାନଙ୍କ ସହିତ ସମୟ ବିତେଇବା ଓ ପୁଅ, ଝିଅଙ୍କୁ ସାହାଯ୍ୟ କରିବା କାର୍ଯ୍ୟକୁ ସେମାନେ ଯେମିତି ଭାବେ ନିଜର କର୍ତ୍ତବ୍ୟ ରୂପେ ମାନିନେଇଥିଲେ, ସେସବୁ ସୁଶାନ୍ତ କି ଶାନ୍ତା ଯେ ନିଜ ପିଲାମାନଙ୍କ ପାଇଁ କରିପାରିବେ, ତାହା ସେମାନେ ପରିକଳ୍ପନା କରିପାରନ୍ତି ନାହିଁ । ପିଲାମାନେ ବଡ ହେବା ପରେ, ସ୍କୁଲ କାମ ସରିଲେ, ସେମାନେ ଗୋଟିଏ ଶିଶୁକେନ୍ଦ୍ରକୁ ଯାଉଥିଲେ । ସୁଶାନ୍ତ ଘରେ ଥିଲେ, ପିଲାମାନଙ୍କୁ ନେଇଆସନ୍ତି ନହେଲେ ସେ କାମ ଶାନ୍ତାଙ୍କ ଉପରେ ପଡେ ।

ଜୀବନ ଏକଦମ ଭଲ ଚାଲିଥିଲା । ପିଲାମାନେ ବଡହେଲେ । ସ୍କୁଲ, କଲେଜରେ ଭଲ କଲେ । ଏବେ ସେମାନେ କାର୍ଯ୍ୟରତ । ବଡ ଝିଅ, ସୋନା ନିୟୁର୍କ୍ ସହରରେ ଓକିଲାତି କରେ । ସାନ ଝିଅ ଶୋଭା ଲସ୍ ଆଞ୍ଜେଲେସ,କାଲିଫର୍ଣ୍ଣିଆରେ ରହେ । ସିଏ ଗୋଟିଏ ଇଞ୍ଜିନିୟରିଙ୍ଗ୍ ସଂସ୍ଥାରେ କାମ କରେ । ଦୁଇ ଭଉଣୀ ଏମିତି ଭାବେ ନିଜନିଜର କର୍ମକ୍ଷେତ୍ର ବାଛିଲେ ଯେ, ଜଣେ ଯୁକ୍ତରାଷ୍ଟ୍ର ଆମେରିକାର ସଂପୂର୍ଣ୍ଣ ପୂର୍ବରେ ରହିଲେ

ଆଉଜଣେ ସଂପୂର୍ଣ୍ଣ ପଶ୍ଚିମରେ । ସେ ବିଷୟରେ କିଛି ମତାମତ ଦେଇପାରନ୍ତିନି ସୁଶାନ୍ତ । କାରଣ, ତାଙ୍କ ନିଜର ତିନି ଭାଇ, ସମସ୍ତେ ତିନିଟି ଅଲଗା ମହାଦେଶରେ ରୁହନ୍ତି । ସୁଶାନ୍ତ ଆମେରିକାରେ, ତାଙ୍କ ତଳ ପ୍ରଶାନ୍ତ ୟୁରୋପରେ ଓ ସବାସାନ ଦୁଷ୍ମନ୍ତ ଭାରତରେ, ମାନେ ଏସିଆ ମହାଦେଶରେ ରହେ । ସିଏ ଆଉ ଦୁଇ ଭଉଣୀଙ୍କୁ କଣ ଯୁକ୍ତି ଦେଖେଇ କହିବେ, "ତମେମାନେ ପାଖାପାଖି ସହରରେ ଚାକିରି ଦେଖୁନ । ବେଳ ଅବେଳରେ ଦରକାର ବେଳେ ପରସ୍ପରକୁ ସାହାଯ୍ୟ କରିପାରିବ ।" ଅବଶ୍ୟ ଶାନ୍ତା ଏମିତିରେ ଥରେ କହିଦେଇଥିଲେ ଓ ପିଲାମାନେ ନିଜ କକାଙ୍କ ଉଦାହରଣ ଦେଇଥିଲେ । ସେଇଦିନରୁ ସେ ବିଷୟରେ ଆଲୋଚନା ବନ୍ଦ ।

କିଛିଦିନ ତଳେ ଉଭୟ ସୁଶାନ୍ତ ଓ ଶାନ୍ତା ଝିଅଙ୍କ ପାଇଁ ଚିନ୍ତିତ ରହୁଥିଲେ । ବଡଝିଅକୁ ୪୦ ପୂରିଲାଣି, ବାହା ହେଇନି । ସାନଝିଅକୁ ଏ ବର୍ଷ ୩୫ ହେଲା ।

ବିଶେଷତଃ ଶାନ୍ତା ଅବସର ନେବା ଦିନରୁ ସବୁବେଳେ ସେଇ ଝିଅମାନଙ୍କ ବିବାହ ନେଇ ଚିନ୍ତା କରନ୍ତି ।

ଆଗରୁ କେବଳ ସୁଶାନ୍ତ ସେ ଚିନ୍ତା କରୁଥିଲେ । କାରଣ, ସିଏ ପ୍ରଥମେ ଅବସର ନେଇଥିଲେ । ଶାନ୍ତା ବର୍ଷକ ତଳେ ଅବସର ନେଲେ । ଏବେ ତ କାମର ଚିନ୍ତା ନାହିଁ, ଅନ୍ୟ ସବୁ ଚିନ୍ତା ମୁଣ୍ଡରେ ପଶିଲା ।

ସେଇଟା ୨୦୨୫ ମସିହାର ଏପ୍ରିଲ ମାସ ୧୫ ତାରିଖ । ସାନ ଝିଅ ଆଗ ସପ୍ତାହରୁ ଘରକୁ ଆସିଥିଲା । ସୁଶାନ୍ତ ଚାକିରିରୁ ବିରତି ନେଇଥିଲେ ମଧ୍ୟ, ତାଙ୍କ କମ୍ପାନୀରେ ସମୟେ ସମୟେ ପରାମର୍ଶଦାତା ଭାବେ କାମ କରନ୍ତି । ସେଦିନ ସିଏ କମ୍ପାନୀର ମୁଖ୍ୟ ଅଫିସକୁ ଯାଇଥିଲେ । ଘରେ ଉଭୟ ଶାନ୍ତା ଓ ଶୋଭା ଥିଲେ । ମଧ୍ୟାହ୍ନ ଭୋଜନ ସାରି ଅପରାହ୍ନ ୩ଟା ବେଳକୁ ଶୋଭା କିଛି ସମୟ ପାଇଁ ଦୋକାନ ଚାଲିଗଲା । ଶାନ୍ତାଙ୍କର ଯିବାର ଥିଲା, ସିଏ କିନ୍ତୁ ଗଲେନି । ଜୁମ୍‌ରେ ଗୋଟିଏ ଯୋଗ କ୍ଲାସ୍ ନେବାର ଥିଲା । ବିଶେଷତଃ ଅବସର ଗ୍ରହଣ କରିବା ଦିନରୁ ଶାନ୍ତା ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇଯାଇଥିଲେ । ତାଙ୍କର ପ୍ରତିଦିନର ଖାଇବାପିଇବା, ବ୍ୟାୟାମ, ଯୋଗାଭ୍ୟାସ, ସବୁ ଏକ ଶୃଙ୍ଖଳାରେ ବନ୍ଧା ହୋଇଥିଲା । ସେଥିପାଇଁ ସିଏ ଘରେ ରହିଲେ ଓ ବେସ୍‌ମେଣ୍ଟରେ ଯାଇ ଜୁମ୍‌ରେ ଯୋଗ କ୍ଲାସ କଲେ ।

ପ୍ରାୟ ୫ଟା ବେଳକୁ ପଡୋଶୀରେ ରହୁଥିବା ଆମେରିକାନ୍ ସାଙ୍ଗ ଲାରି ସୁଶାନ୍ତଙ୍କୁ ଫୋନରେ ମେସେଜ୍ ଦେଲେ । "ସୁଶାନ୍ତ, ତମ ଘର ଆଗରେ ଫାୟାର୍ ଟ୍ରକ୍ ଅଛି ଓ ତୁମ ଘର ଭିତରୁ ଧୂଆଁ ବାହାରୁଛି । ତୁମେ ଠିକ୍ ଅଛ ତ?"

ସୁଶାନ୍ତ ଲାରିର ମେସେଜ ପାଇ ଝିଅକୁ ଫୋନ ଲଗେଇଲେ । ଝିଅ ସେତେବେଳେ ଏଲିକଟ୍ ସିଟିରେ ସପିଙ୍ଗ୍ କରୁଥିଲା । ସିଏ କହିଲା, "କାହିଁ, ମାଆ ତ କିଛି ଜଣେଇନାହାନ୍ତି ।"

"ମାଆ କଣ ତୋ ସହିତ ନାହାନ୍ତି ?"

"ନା । ସିଏ ଯୋଗ କ୍ଲାସ୍ କରୁଥିଲେ । ମୋ ସହିତ ନ ଆସି ଘରେ ରହିଲେ ।"

"ତାହେଲେ ତୁ ଶୀଘ୍ର ଘରକୁ ଯାଆ । ଆମ ଘର ଆଗରେ ଫାୟାର୍ ବ୍ରିଗେଡ୍‌ର ଲୋକ ମହଜୁଦ୍ ଅଛନ୍ତି ବୋଲି ଲାରି ମୋତେ ମେସେଜ୍ କରିଛି ।"

ସୁଶାନ୍ତ ଭର୍ଜିନିଆ ଯାଇଥିଲେ । ତାଙ୍କୁ ଫେରୁଫେରୁ ସମୟ ଲାଗିବ । ସିଏ ଶାନ୍ତାଙ୍କୁ ଫୋନ୍ ଲଗେଇବାକୁ ଯେତେ ଚେଷ୍ଟା କଲେ ବି ଫୋନ୍ ଲାଗୁନଥିଲା । ମନକୁ ପାପ ଛୁଇଁଲା । ସିଏ ସାଙ୍ଗେସାଙ୍ଗେ ବାହାରିଆସିଲେ ।

ସେତେବେଳକୁ ଆଇ-୪୯୫ ରାସ୍ତାରେ ପ୍ରବଳ ଭିଡ । ଗାଡି ସବୁ ଶୂନ ଗତିରେ ବସି ରହିବା ଭଳି ରହିଛନ୍ତି । ଶୋଭା ନିଶ୍ଚୟ ଘରେ ପହଞ୍ଚି ସାରିବଣି । ସେଇ ଭରସା କରି ନିଜକୁ ଆଶ୍ୱାସନ ଦେଉଥିଲେ ସୁଶାନ୍ତ । ସିଏ ଘରେ ପହଞ୍ଚୁପହଞ୍ଚୁ ରାତି ସାଢେ ସାତ । ଶୋଭା କାନ୍ଦୁଛି । ଫାୟାର ବ୍ରିଗେଡ ଧୂଆଁ ଓ ନିଆଁ ଲିଭାଇବାକୁ ସକ୍ଷମ ହୋଇଛନ୍ତି । ଏବେ ସେମାନେ ଶାନ୍ତାଙ୍କୁ ବାହାର କରିବାକୁ ବେସମେଣ୍ଟକୁ ଯାଇଛନ୍ତି । ସୁଶାନ୍ତ ସ୍ତବ୍ଧ ହୋଇଗଲେ । ଶାନ୍ତା, ମାନେ ଶାନ୍ତା ଏପର୍ଯ୍ୟନ୍ତ ଭିତରେ ଅଛନ୍ତି ? "ହେ ଭଗବାନ, ଶାନ୍ତା ଭଲରେ ଥାଆନ୍ତୁ ।"

ସୁଶାନ୍ତଙ୍କୁ ନିଜ ଘର ଭିତରକୁ ଯିବାକୁ ଅନୁମତି ମିଳିଲାନି । ତାଙ୍କ ପହଞ୍ଚିବାର ୧୫ ମିନିଟ୍ ପରେ ଫାୟାର ବ୍ରିଗେଡର କର୍ମୀମାନେ ଶାନ୍ତାଙ୍କୁ ବାହାରକୁ ଆଣିଲେ । ତାଙ୍କର ହୋସ୍ ନଥିଲା । ଆଗରୁ ୯୧୧ ଡକାଯାଇଥିଲା ଓ ଆମ୍ବୁଲାନ୍ସ ପ୍ରସ୍ତୁତ ହୋଇ ରହିଥିଲା । ତାଙ୍କୁ ସାଙ୍ଗେସାଙ୍ଗେ ଏମର୍ଜେନସୀକୁ ନିଆଗଲା । ଉଭୟ ଶୋଭା ଓ ସୁଶାନ୍ତ ନିଜ ଗାଡିରେ ଏମର୍ଜେନସୀକୁ ଗଲେ । ଏମର୍ଜେନସୀରେ ପ୍ରାୟ ଘଣ୍ଟାକ ପରେ ଡାକ୍ତର ଶାନ୍ତାଙ୍କର ମୃତ୍ୟୁ ଖବର ଘୋଷଣା କଲେ ।

ସୁଶାନ୍ତଙ୍କ ମୁଣ୍ଡରେ କିଛି ପଶୁନଥାଏ । ଏସବୁ କଣ ହୋଇଗଲା ? ଶାନ୍ତା ସପ୍ତାହରେ ତିନିଦିନ ଯୋଗ କ୍ଲାସ କରନ୍ତି । ହଠାତ୍ ଆଜି କଣ ହୋଇଗଲା ?

ଫାୟାର୍ ବ୍ରିଗେଡର କର୍ମଚାରୀ ଜଣେଇଲେ, “ହୁଏ ତ କେଉଁଠି ସର୍ଟ୍ ସର୍କିଟ୍ ହୋଇ ଏ ନିଆଁ ଲାଗିଥିଲା ।”

ସୁଶାନ୍ତ ଓ ଶାନ୍ତା ଘରର ରକ୍ଷଣାବେକ୍ଷଣ ନିୟମିତ ଭାବେ କରନ୍ତି । ଏପର୍ଯ୍ୟନ୍ତ ଘରର କୌଣସିଠିରେ କିଛି ତ୍ରୁଟି ନଥିଲା । ହଠାତ୍ କେମିତି ସର୍ଟ୍ ସର୍କିଟ୍ ହୋଇଗଲା ?

ନିଆଁ ଲିଭାଇବା ପାଇଁ ସେମାନେ ବେସମେଣ୍ଟକୁ ଜଳମଗ୍ନ କରିଦେଇଥିଲେ । ତାପରେ ସେ ପାଣିକୁ ନିଷ୍କାସନ କରିବାପରେ ବେସମେଣ୍ଟର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଥିଲା । ପୋଲିସ ରିପୋର୍ଟ୍ ଲେଖାଗଲା । ସେମାନେ କହିଲେ, “ତମେ ଏବେ ଘରେ ରହିପାରିବ ନାହିଁ । ଏହା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ।”

ଇନ୍‌ସୁରାନ୍ସ କମ୍ପାନୀ ସହିତ ଆଲୋଚନା, ପର୍ଯ୍ୟାଲୋଚନା କରିବାକୁ ପଡିଲା । ଶେଷରେ ସ୍ଥିର ହେଲା, ସୁଶାନ୍ତ ଏକ ପାଖ ଆପାର୍ଟମେଣ୍ଟରେ ରହିବେ । ସେ ଖର୍ଚ୍ଚ ଇନ୍‌ସୁରାନ୍ସ ବହନ କରିବ । ଘରକୁ ସମୁଦାୟ ସଫାସଫି କରି ସଜାଡିବାକୁ ପଡିବ । ତାହା ବାସୋପଯୋଗୀ ହେବା ପର୍ଯ୍ୟନ୍ତ ଘରେ କେହି ରହିପାରିବେ ନାହିଁ ।

ଏବେ ଶାନ୍ତାଙ୍କ ମୃତ୍ୟୁଜନିତ ଶୋକ ପାଳିବାକୁ ବି ସମୟ ନାହିଁ । ଘରୁ ସବୁ ଆବଶ୍ୟକୀୟ ଜିନିଷ କଢାକଢି କରିବାରେ, ଇନ୍‌ସୁରାନ୍ସ ସହ ଆଲୋଚନା, ପର୍ଯ୍ୟାଲୋଚନା କରିବାରେ, ପୋଲିସ ସହିତ ରିପୋର୍ଟ୍ ଲେଖାଲେଖିରେ, ନାନା ପ୍ରଶ୍ନର ଉତ୍ତର ଦେବାନେବାରେ ଓ ଶାନ୍ତାଙ୍କର ଶବଦାହ ସଂସ୍କାର କାର୍ଯ୍ୟ ଯୋଗାଡ କରି ସଂପନ୍ନ କରିବାରେ ସମୟ ସବୁ ଏମିତି ଚାଲିଗଲା ଯେ, ସୁଶାନ୍ତଙ୍କୁ ବି ନିଜ ଜୀବନ ବଞ୍ଚିବାଟା ଦୁଃସହ ମନେହେଲା । ବଡଝିଅ ନ୍ୟୁୟର୍କରୁ ଆସିଲା । ସାନଝିଅ ତ ଘରେ ଥିଲା । ସମସ୍ତେ ମିଶି ବନ୍ଧୁବାନ୍ଧବ, ସାଙ୍ଗସାଥୀଙ୍କୁ ଖବରଦେଲେ । ଶାନ୍ତାଙ୍କର ସଂସ୍କାର ଭଲରେ ଭଲରେ ହୋଇଗଲା । ଏ ଘଟଣା ଘଟିବାର ବାରଦିନ ପରେ ଦୁଇଝିଅ ନିଜନିଜ କର୍ମକ୍ଷେତ୍ରକୁ ଚାଲିଗଲେ ।

ଶାନ୍ତା ଅହ୍ୟ ସୁଲକ୍ଷଣୀ ଭାବେ ପରପାରିକୁ ଗଲେ । ତାଙ୍କୁ ତାଙ୍କର ସାଙ୍ଗମାନେ ନୂଆ ବୋହୁଟିଏ ଭାବେ ସଜେଇଦେଲେ । ନାଲି ଶାଢୀ, ନାଲି ଚୁଡି ଓ ନାଲି ସିନ୍ଦୂରରେ ତାଙ୍କ ଚେହେରା ଝଟକୁଥିଲା । ଦୃଢ଼ ହୃଦୟର ସୁଶାନ୍ତ ସେଦିନ ସମସ୍ତଙ୍କ ସମ୍ମୁଖରେ ହତାଶ, ଭଗ୍ନ ଓ ଅସହାୟ ଦିଶୁଥିଲେ । ତାଙ୍କ ଆଖିରୁ ଅବିରତ ଲୋତକର ଧାର ବହିବାକୁ ଲାଗିଲା । ସିଏ ଶାନ୍ତାଙ୍କ ବିଷୟରେ କିଛି ବି କହିପାରିଲେ ନାହିଁ । ଝିଅ ଦୁଇଜଣ ଟେକେଇନେଲେ ।

ଏବେ ଏକାକୀ ନିଜ ଆପାର୍ଟମେଣ୍ଟରେ ବସିବସି କେବଳ ଭାବନ୍ତି ସୁଶାନ୍ତ । ଶାନ୍ତାଙ୍କ ସହିତ ଅବସର ପରବର୍ତ୍ତୀ ଜୀବନ କିଛିଦିନ ସୁଖରେ କାଟିବାର ସୁଯୋଗ ଭଗବାନ ଦେଲେନି । ଉଭୟ ମିଶି କେତେ କଳ୍ପନା କରିଥିଲେ । ଛଅମାସ ତଳେ ଭୁବନେଶ୍ୱରରେ ଗୋଟିଏ ଆପାର୍ଟମେଣ୍ଟ କିଣିଥିଲେ । ଇଚ୍ଛା ଥିଲା, ଶୀତ ମାସ ଯାକ, ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହିବେ । ଏବେ ସେମାନଙ୍କର ଅନେକ ସାଙ୍ଗସାଥୀ ସବୁ ଭୁବନେଶ୍ୱରରେ ରହୁଛନ୍ତି । ସେମାନଙ୍କ ସହିତ ସମୟ ବିତେଇବା ସଙ୍ଗେସଙ୍ଗେ ନିଜ ରାଇଜର ପାଣି, ପବନ ଓ ମାଟିର ସୁଗନ୍ଧ ସହିତ ସଂପର୍କ ବି ଯୋଡ଼ିହୋଇ ରହିବ । ତାପରେ ଅବଶିଷ୍ଟ ମାସ ତକ କିଛି ବାହାର ଦେଶ ଭ୍ରମଣରେ କଟେଇବେ ଓ କିଛି ମାସ ଆମେରିକାରେ ନିଜ ଝିଅମାନଙ୍କ ପାଖରେ କଟେଇବେ ।

ତେବେ ସେସବୁ ସ୍ୱପ୍ନର ଏମିତି ଦୁଃସହ ପରିସ୍ଥିତି ହୋଇଯିବ ବୋଲି କେବେ ବି ପରିକଳ୍ପନା କରିନଥିଲେ ସୁଶାନ୍ତ। ଅବଶ୍ୟ, ବାର୍ଦ୍ଧକ୍ୟ ବୟସରେ କିଏ ଆଗେ ପରପାରିକୁ ଯିବ ଓ କିଏ ପଛରେ ଯିବ, ସେସବୁ କହିହେବନି । ତଥାପି, ଶାନ୍ତାଙ୍କୁ ମାତ୍ର ଏକସ୍ତରି ବର୍ଷ ବୟସ ହୋଇଥିଲା । ସୁଶାନ୍ତଙ୍କ ଠାରୁ ତିନି ବର୍ଷ ସାନ ସିଏ । ଆଜିକାଲି ଯୁଗରେ ପଞ୍ଚାଅଶୀ, ଛୟାଅଶୀ ବର୍ଷ ବଞ୍ଚିବା କିଛି ନୂଆକଥା ନୁହେଁ । ହେଲେ ଭାଗ୍ୟରେ ଆଉକିଛି ଲେଖାଥିଲା ଶାନ୍ତା ବି କି ସୁଖ ପାଇଲେ ? ସତୁରି ବର୍ଷ ପର୍ଯ୍ୟନ୍ତ କାମ କଲେ । ପ୍ରତିଦିନ ସକାଳୁ ଉଠ, ପ୍ରସ୍ତୁତ ହୁଅ ଓ କାର୍ଯ୍ୟକ୍ଷେତ୍ରକୁ ଧାଅଁ । ଅବଶ୍ୟ କୋଭିଡ୍ ସମୟରେ ଦୁହେଁ ଘରୁ କାମ କରୁଥିଲେ ଓ ଅନେକ ପ୍ରେମମୟ ମୁହୂର୍ତ୍ତ ବିତାଇଥିଲେ । ଏବେ ଅବସର ନେବାର ଗୋଟିଏ ବର୍ଷ ବି ବିତିନି, ଜୀବନ ଶେଷ ।

ଏକାକୀ ବସିଲେ ଅନେକ ସବୁ ଚିନ୍ତା ଭାବନାକୁ ଆସୁଥିଲା । ସେଇ ଘରଟି, ଯେଉଁଥିରେ ଜୀବନର କେତେ ସ୍ୱପ୍ନ ସବୁ ରଖି ସଜେଇଥିଲେ ସିଏ, ତାର ପ୍ରତି କୋଣ ଅନୁକୋଣରେ ଅସଂଖ୍ୟ ସ୍ମୃତି ଜଡିତ । ସେସବୁରୁ କିଛି ସ୍ମୃତି ସବୁ ପୋଡିଜଳି ଶେଷ ହୋଇଗଲା । କନ୍‌ଫରେନ୍ସରେ ଯୋଗ ଦେବାକୁ ଯାଇ ବାହାର ଦେଶରୁ ଅନେକ ସବୁ ସଂଗ୍ରହ କରି ବେସମେଣ୍ଟରେ ରଖିଥିଲେ ସେମାନେ । ବିଶେଷ କରି ବେସମେଣ୍ଟ ସେମାନଙ୍କର ସବୁ ସାଙ୍ଗ, ମେଳ, ଉତ୍ସବ, ମହୋତ୍ସବ ପାଳନ ପାଇଁ ଉଦ୍ଦିଷ୍ଟ ଥିଲା । ସେଥିପାଇଁ ବେସମେଣ୍ଟର କୋଣ, ଅନୁକୋଣ, ସବୁବେଳେ ସୁନ୍ଦର ଭାବେ ସଜ୍ଜିତ ହୋଇ ରହୁଥିଲା । ଅବଶ୍ୟ ବୟସ ବଢ଼ିବା ସହିତ, ସେ ସାଙ୍ଗ, ମେଳ, ବଡ ପାର୍ଟି ସବୁ ସୀମିତ ହୋଇଯାଇଥିଲା, ତେବେ ବର୍ଷରେ ଅନ୍ତତଃ ପାଞ୍ଚଟି ସମାବେଶ ତ ନିହାତି ହେଉଥିଲା । ଶାନ୍ତା ଯେ ଏ ଦୁନିଆରେ ଆଉ ନାହାନ୍ତି, ସେକଥା ଗ୍ରହଣ କରିବାକୁ ତାଙ୍କୁ ଅନେକଦିନ ଲାଗିଥିଲା । ସକାଳେ ଯେଉଁ ମଣିଷଟା ତାଙ୍କୁ ପ୍ରାତଃଭୋଜନ ଖୁଆଇଥିଲେ, ଯାହାଙ୍କ ସହିତ ସିଏ ସକାଳେ ମିଶି ଚାହା ପିଇଥିଲେ, ରାତିବେଳକୁ ସେ ମଣିଷ ଏ ସଂସାରରେ ଆଉ ନାହାନ୍ତି । ଯଦିଓ ଏ ପୃଥିବୀରେ କିଛି ପରିବର୍ତ୍ତନ ହେବାକୁ କ୍ଷଣଟିଏ ଯଥେଷ୍ଟ, ତଥାପି ମନ ମାନୁନଥିଲା । ଈଶ୍ୱରଙ୍କ ଉପରେ ବଡ଼ ଅଭିମାନ ହେଉଥିଲା ।

"କଣ ପାଇଁ ଭଗବାନ, ମୋତେ ଏମିତି ଦୁଃଖ ଦେଲ?"

ସାନଝିଅ ଶୋଭା ବାରମ୍ବାର କହୁଥିଲା, "ବାବା, ମୁଁ ଏଠି ତମ ପାଇଁ ଘର ଦେଖୁଛି, ତମେ ଲସ୍ ଆଞ୍ଜେଲେସ୍ ଆସି ମୋ ପାଖରେ ରହିବ । ମେରୀଲାଣ୍ଡ ଘରର ସବୁ ଝଞ୍ଜଟ୍ ସରିଲେ, ତମେ ଏଠିକୁ ଆସିବ ।"

ସୁଶାନ୍ତ ଅପେକ୍ଷା କରୁଥିଲେ, କେବେ ସେ ଘରର ଝଞ୍ଜଟ୍ ସବୁ ସରିବ । ପଇଁଚାଳିଶି ବର୍ଷର ବୈବାହିକ ସଂପର୍କ ଏମିତି ଅତର୍କିତ ଭାବେ ଛିଣ୍ଡିଗଲା । ଆଉ ଏ ଘର ବା ତା' ତୁଳନାରେ କଣ ? ସିଏ ବି ସେମିତି ଆଉ କିଛିଦିନ ପରେ ଏ ଧରାଧାମରୁ ବିଦାୟ ନେବେ । ତେବେ ମେରୀଲାଣ୍ଡରେ ତାଙ୍କର ସବୁ ସାଙ୍ଗ, ସବୁ ସଂପର୍କ । ଶାନ୍ତାଙ୍କ ଅନୁପସ୍ଥିତିରେ ସେଇମାନେ ହିଁ ତାଙ୍କ ପଛରେ ଠିଆ ହୋଇଛନ୍ତି । ବଞ୍ଚି ରହିବା ପାଇଁ ତାଙ୍କୁ ପ୍ରେରଣା ଯୋଗାଇଛନ୍ତି । ସତରେ କଣ ସିଏ ମେରୀଲାଣ୍ଡ ଛାଡି ଯାଇପାରିବେ ?

ନିରଞ୍ଜନ ବାବୁ ଗତକାଲି ଫୋନ କରିଥିଲେ । ସେମାନେ ଗୋଟିଏ ନୂଆ ସିନିଅର କମ୍ୟୁନିଟିରେ ଆପାର୍ଟମେଣ୍ଟ କଣିଥିଲେ । ଏହି ସପ୍ତାହ ଶେଷରେ ସ୍ଥାନାନ୍ତରିତ ହେବେ। ତିରିଶି, ଚାଳିଶି ବର୍ଷ ଧରି ରହିଆସିଥିବା ଘରର ମୋହମାୟା ଛାଡି ଆପାର୍ଟମେଣ୍ଟ ଯିବାକୁ ସେମାନେ ହଠାତ୍ ସ୍ଥିର କରିନେଲେ । ସେମାନଙ୍କ ପିଲାମାନେ ବି ସେମାନଙ୍କୁ ସମର୍ଥନ କଲେ । ନିରଞ୍ଜନ ବାବୁ ପଚାରିଥିଲେ, "ସୁଶାନ୍ତ ବାବୁ, ଆପଣ ମୋ ପ୍ରସ୍ତାବ ବିଷୟରେ କଣ ଭାବିଲେ? ଆମ ଆପାର୍ଟମେଣ୍ଟକୁ ଲାଗି ଗୋଟିଏ ଆପାର୍ଟମେଣ୍ଟ ଏବେ ଉପଲବ୍ଧ ଅଛି । ଆପଣ ଯଦି ଚାହିଁବେ ତ, କିଣିପାରିବେ ଓ ଆମେମାନେ ପଡୋଶୀ ହୋଇ ରହିବା ।"

ସୁଶାନ୍ତ ଏ ବିଷୟରେ କେତେଥର ଭାବିଲେଣି । ନିରଞ୍ଜନ ବାବୁ ତାଙ୍କୁ ଏସବୁ ଆଗରୁ କହିଛନ୍ତି । ଏମିତି କି ଶାନ୍ତା ବଞ୍ଚିଥିବା ସମୟରେ ମଧ୍ୟ ଏମିତି ପ୍ରସ୍ତାବ ଦେଇଛନ୍ତି । ତେବେ ଏ ପର୍ଯ୍ୟନ୍ତ ସିଏ କିଛି ସ୍ଥିର କରିପାରିନାହାନ୍ତି । ଝାପ୍‌ସା ହୋଇ ସାରା ଜୀବନଟା ଟିଭି ପରଦାରେ ଚଳଚ୍ଚିତ୍ରର ଦୃଶ୍ୟ ଭଳି ତାଙ୍କ ମନ ପରଦାରେ ଖେଳିଯାଉଥିଲା । ଏବେ ଜୀବନର ଆଉ ଗୋଟିଏ ପର୍ଯ୍ୟାୟ ଆସିବ । କୋଉଟା ଠିକ୍ ହେବ ? ଶୋଭା ପାଖକୁ ଲସ୍ ଆଞ୍ଜେଲେସ୍ ଚାଲିଯିବା ନା ସିନିଅର କମ୍ୟୁନିଟିରେ ଆପାର୍ଟମେଣ୍ଟ କିଣି ଅବଶିଷ୍ଟ ଜୀବନ କଟେଇଦେବା ? ନିଜ ଘର ଆଗର ସବୁଜ ଘାସ ଉପରେ ଠିଆ ହୋଇ ଚିନ୍ତାର ଏ ଦୋଛକିରେ ନିଜ ଭବିଷ୍ୟତ ପାଇଁ ସଠିକ୍ ଉତ୍ତର ଖୋଜୁଥିଲେ ସୁଶାନ୍ତ ।


**ବିଜ୍ଞାନୀ ଦାସ**

ଡେଟନ୍

ମେରିଲେଣ୍ଡ






# ପ୍ରବନ୍ଧ

# ESSAY

# ॥ ଆଧୁନିକ ଓଡ଼ିଆ ସାହିତ୍ୟ: ଚିନ୍ତା, ଆହ୍ୱାନ ଓ ମନନ ॥

"ସାହିତ୍ୟ ସେବା ନା ସାହିତ୍ୟରେ ପ୍ରତିଷ୍ଠା?"

ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ; ଏହା ଏକ ଜାତିର ଆତ୍ମା, ସଂସ୍କୃତି, ଇତିହାସ ଓ ଚେତନାର ବାହକ। ଓଡ଼ିଆ ଭାଷା ତାହାର ସହସ୍ରାବ୍ଦୀୟ ପରମ୍ପରା, ମହାକବିମାନଙ୍କ ସାଧନା ଏବଂ ଲୋକଜୀବନର ଗଭୀର ଅନୁଭବ ଦ୍ୱାରା ସମୃଦ୍ଧ ହୋଇଛି। ସାରଳା ଦାସ, ପଞ୍ଚସଖା, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ, ରାଧାନାଥ, ଗଙ୍ଗାଧର, ଗୋପୀନାଥ, କାହ୍ନୁଚରଣଙ୍କ ଭଳି ମହାନ ସ୍ରଷ୍ଟାମାନେ ସାହିତ୍ୟକୁ ନିଜର ସାଧନା ଭାବରେ ଗ୍ରହଣ କରିଥିଲେ; ପ୍ରତିଷ୍ଠା ସେମାନଙ୍କ ପଛରେ ଆସିଥିଲା, ସେମାନେ ପ୍ରତିଷ୍ଠାର ପଛରେ ଦୌଡ଼ି ନଥିଲେ।

କିନ୍ତୁ ଆଜିର ପରିସ୍ଥିତି ଆମକୁ ଏକ କଠିନ ପ୍ରଶ୍ନ ସାମ୍ନାରେ ଠିଆ କରିଛି।

ଆମେ ସାହିତ୍ୟର ସେବା କରୁଛୁ;
ନା ସାହିତ୍ୟକୁ ବ୍ୟବହାର କରି ନିଜ ପରିଚୟ ଓ ପ୍ରଚାର ସୃଷ୍ଟି କରୁଛୁ?

ବର୍ତ୍ତମାନ ଦେଖାଯାଉଛି ଯେ ସାହିତ୍ୟ ମଞ୍ଚରେ ପ୍ରବେଶକାରୀଙ୍କ ସଂଖ୍ୟା ବଢୁଛି, କିନ୍ତୁ ସାହିତ୍ୟ ପ୍ରତି ସାଧନା, ପାଠନ, ଗଭୀର ଅଧ୍ୟୟନ ଓ ଭାଷା ପ୍ରତି ଦାୟିତ୍ୱବୋଧ ସେହି ଅନୁପାତରେ ବୃଦ୍ଧି ପାଉନାହିଁ। ଅନେକଙ୍କ ପାଇଁ ପୁସ୍ତକ ପ୍ରକାଶନ, ସମ୍ମାନ ଗ୍ରହଣ, ମଞ୍ଚରେ ବସିବା କିମ୍ବା ସାମାଜିକ ଗଣମାଧ୍ୟମରେ "ସାହିତ୍ୟିକ" ପରିଚୟ ହିଁ ଶେଷ ଲକ୍ଷ୍ୟ ହୋଇଯାଇଛି। କିନ୍ତୁ ପ୍ରଶ୍ନ ହେଉଛି,

ଏହା ଦ୍ୱାରା ଓଡ଼ିଆ ଭାଷା କେତେ ସମୃଦ୍ଧ ହେଉଛି?
ପାଠକ କେତେ ବଢୁଛନ୍ତି?
ନୂଆ ପିଢ଼ି କେତେ ଆକର୍ଷିତ ହେଉଛି?

ସାହିତ୍ୟର ମୂଳ ଶକ୍ତି ହେଉଛି ମୌଳିକତା, ଚିନ୍ତାର ଗଭୀରତା ଓ ମାନବିକତା। ଯେଉଁଠାରେ ଅନୁକରଣ, ତ୍ୱରିତ ପ୍ରସିଦ୍ଧିର ଆକାଙ୍କ୍ଷା ଓ ଗୋଷ୍ଠୀବାଦ ପ୍ରାଧାନ୍ୟ ପାଏ, ସେଠାରେ ସୃଜନଶୀଳତା କ୍ଷୀଣ ହୁଏ। ସାହିତ୍ୟରେ ସଂଖ୍ୟା ବଢ଼ିବା ଭଲ କଥା, କିନ୍ତୁ ଗୁଣବତ୍ତାର ଅବନତି କୌଣସି ଭାଷା ପାଇଁ ଶୁଭ ସଙ୍କେତ ନୁହେଁ।

ଆଜି ଅନେକେ ଲେଖୁଛନ୍ତି, କିନ୍ତୁ କେତେଜଣ ପଢୁଛନ୍ତି?

ଅନ୍ୟ ଲେଖକଙ୍କ ରଚନାକୁ ଗଭୀର ଭାବରେ ଅଧ୍ୟୟନ ନକରି କେବଳ ନିଜର ପୁସ୍ତକ ପ୍ରକାଶ କରିବାର ପ୍ରବୃତ୍ତି ବଢ଼ିଲେ ସାହିତ୍ୟର ମାନ ଅବଶ୍ୟ କ୍ଷତିଗ୍ରସ୍ତ ହେବ। ଜଣେ ସତ୍ୟ ସାହିତ୍ୟିକ ପ୍ରଥମେ ପାଠକ, ପରେ

ସମାଲୋଚକ, ତା'ପରେ ସୃଷ୍ଟିକର୍ତ୍ତା । ଯିଏ ପଢ଼େ ନାହିଁ, ସେ ଦୀର୍ଘଦିନ ଧରି ନୂତନ କିଛି ଲେଖିପାରିବ ନାହିଁ ।

ଆଉ ଏକ ଚିନ୍ତାଜନକ ପ୍ରବୃତ୍ତି ହେଉଛି ଗୋଷ୍ଠୀବାଦ । କେତେକ ସାହିତ୍ୟ ସଂଗଠନରେ ଯୋଗ୍ୟତାଠାରୁ ପରିଚୟ, ସମାଲୋଚନାଠାରୁ ପ୍ରଶଂସା ଓ ସୃଜନଶୀଳତାଠାରୁ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି ପ୍ରବୃତ୍ତି ସତ୍ୟ ସୃଷ୍ଟିକର୍ତ୍ତାଙ୍କୁ ନିରୁତ୍ସାହିତ କରେ ଏବଂ ନବୀନ ପ୍ରତିଭାଙ୍କ ପାଇଁ ନ୍ୟାୟସଙ୍ଗତ ସୁଯୋଗକୁ ସଂକୁଚିତ କରେ ।

ତେବେ ଏହାର ଅର୍ଥ ଏହା ନୁହେଁ ଯେ ନୂଆ ଲେଖକମାନଙ୍କୁ ସନ୍ଦେହର ଦୃଷ୍ଟିରେ ଦେଖିବା ଉଚିତ । ପ୍ରତ୍ୟେକ ମହାନ ସାହିତ୍ୟିକ କେବେ ନା କେବେ ନବାଗତ ଥିଲେ ।

କିନ୍ତୁ ନବାଗତଙ୍କ ପାଇଁ ସବୁଠାରୁ ବଡ଼ ଅଳଙ୍କାର ହେଉଛି ବିନୟ,
ନିରନ୍ତର ପାଠନ, ଭାଷା ପ୍ରତି ଶ୍ରଦ୍ଧା ଓ ସୃଜନ ପ୍ରତି ଆତ୍ମନିବେଦନ ।

କେବଳ ପରିଚୟ ପାଇବାର ଇଚ୍ଛା ସାହିତ୍ୟିକଙ୍କୁ ମହାନ କରେନାହିଁ; ତାଙ୍କର ରଚନାର ଦୀର୍ଘସ୍ଥାୟୀ ପ୍ରଭାବ ହିଁ ତାଙ୍କର ପ୍ରକୃତ ପରିଚୟ । ଓଡ଼ିଆ ସାହିତ୍ୟର ପୁନର୍ଜାଗରଣ ପାଇଁ କିଛି ଦିଗରେ ସାମୂହିକ ପ୍ରୟାସ ଆବଶ୍ୟକ ;

ପାଠକ ସୃଷ୍ଟିକୁ ସର୍ବୋଚ୍ଚ ପ୍ରାଥମିକତା ।
ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଓଡ଼ିଆ ପାଠନ ସଂସ୍କୃତିର ବିକାଶ ।
ନିରପେକ୍ଷ ଓ ଗଠନମୂଳକ ସମାଲୋଚନାର ପ୍ରଚଳନ ।
ପୁରସ୍କାର ଓ ସମ୍ମାନ ପ୍ରକ୍ରିୟାରେ ସ୍ୱଚ୍ଛତା ।
ମୌଳିକତା, ଗବେଷଣା ଓ ଭାଷାର ଶୁଦ୍ଧତାକୁ ପ୍ରୋତ୍ସାହନ ।
ସାହିତ୍ୟ ସଭାକୁ କେବଳ ସମ୍ମାନ ବିତରଣର ମଞ୍ଚ ନକରି ଚିନ୍ତାର ବିନିମୟ କେନ୍ଦ୍ରରେ ପରିଣତ କରିବା ।

ଆମେ ଭୁଲିବା ଉଚିତ ନୁହେଁ ଯେ ଭାଷା ବ୍ୟକ୍ତିଠାରୁ ବଡ଼, ସାହିତ୍ୟ ସଂଗଠନଠାରୁ ବଡ଼ ଏବଂ ପୁରସ୍କାରଠାରୁ ବଡ଼ । ଜଣେ ସତ୍ୟ ସାହିତ୍ୟସାଧକ ନିଜର ନାମକୁ ନୁହେଁ, ଭାଷାକୁ ଅମର କରିବାର ସ୍ୱପ୍ନ ଦେଖନ୍ତି । ଆସନ୍ତୁ, ଆମେ ସଂଖ୍ୟାର ମୋହ ଛାଡ଼ି ଗୁଣର ସାଧନା କରିବା । ପ୍ରଚାରର ଲୋଭ ଛାଡ଼ି ପଠନର ଅଭ୍ୟାସ ଗଢ଼ିବା । ପରସ୍ପର ପ୍ରଶଂସାର ଚକ୍ରରୁ ବାହାରି ନିର୍ଭୀକ ସମାଲୋଚନାକୁ ସ୍ୱାଗତ କରିବା । ତାହାହେଲେ ଓଡ଼ିଆ ସାହିତ୍ୟ ପୁନର୍ବାର ତାହାର ଗୌରବମୟ ଅବସ୍ଥାକୁ ଫେରିପାରିବ ।

ଶେଷରେ ଏହି ଦୁଇପଦ

"ସାହିତ୍ୟରେ ସ୍ଥାନ ପାଇବା ସହଜ; ସାହିତ୍ୟ ଇତିହାସରେ ସ୍ଥାନ ପାଇବା କଠିନ । ମଞ୍ଚରେ ତାଳି ମିଳିପାରେ,
କିନ୍ତୁ କାଳର ବିଚାରରେ କେବଳ ସତ୍ୟ, ସାଧନା ଓ ମୌଳିକତା ହିଁ ଅମର ହୋଇ ରହିଥାଏ ।"

ଅଳମତିବିସ୍ତରେଣ



ପ୍ରଭୁ
ମିଶିସାଗା, କାନାଡ଼ା



# ENGLISH SECTION

# ଇଂରାଜୀ ବିଭାଗ

# POETRY



# କବିତା

# || The True Path to Success ||

Nothing can be great,
nothing can be grand unless you fail at least once in the land.
There is no big, there is no small unless you give it all up.
If you're afraid, there is nothing to be done;
failing is a process that's never fun.

You did it once, you did it twice, yet you never find it just right.
You do it again, but feel fright creeping around you, hugging you very tight.
You think that you will never reach the end and never make it through.
But now you just need a little bit of proof.

You see others making it, in hopes that one day it might be you.
You try every night, just to make sure you do everything right.
But you'll never ever end up making it if you think once is for all.
When that one day comes, you give it your best,
and you'll never regret the lack of rest.

But until then, my readers, you must remember:
Nothing great and nothing grand happens when you choose not to stand.

**Debasmita Mishra**

**Edina, Minnesota**



# ‖ A Small Drop of Memory: The Child I Carry ‖

Take me back to my childhood
To the little girl who laughed at nothing
And everything
The one who asked
Why is the sky blue?
Where does the sun go?
When will tomorrow come?
Take me to the park again
Feet flying on a swing
Certain I owned the world
Certain the world was round and safe
Like a little glass globe I lived inside
I want to walk between my parents
A small hand in each of theirs
My steps uneven
My world perfectly safe
Teach me again
How to ride a bicycle
To fall without fear
To cry for a moment
So Mom could put Neosporin on my knees
And Dad could hug me some more
And tell a story
That made the pain disappear

Let me climb trees once more
Peep through tiny binoculars
Watching birds as if
They flew only for me
Back when everything was simple
When siblings were best friends
And friends were forever
When Sundays felt golden
And time moved slowly
Now I stand here, grown,
Knowing how priceless it all was
I don’t wish to go back
To hold it again
But to grow forward
With that same wonder
That same fearless heart
That same innocent joy
Living quietly
Inside the adult I have become.



**Prachi Mohanty**

**Allen, Texas**

# ॥ Emotions ॥

They are complex, a golden orb-weaver’s thread,
Spun in silence, shimmering and fine.
They stretch thick and thin in hidden places,
Binding the fragile edges of my mind.

How do I not feel them in motion, in life
That pulse that makes me human, at least?
When certain shadows refuse to sleep
Yet the very same turns me into a beast.

I get swayed by them, swamped by them,
Pulled like a tide against my will.
It’s a constant whirlwind at my ribs,
Control almost there, but never still.

I taste them; they test me, time and again
I deny them, they root in my core.
I try to absorb them; they hollow me out.
I fight them, they return even more.

Tell me, how is it just to have and hold
Not battle, but steady their flame?
When they are part of my breath and blood,
Not a mask, not a framed-up name?

I try to fight, to cage, to conquer,
These are emotions, fierce yet fragile,
Fearing the weight of being vulnerable.
I am strong and trembling at the same time.



**Salony Mohanty**

**San Ramon, California, USA**

# ‖ Silent Love ‖

It started soft, in quiet ways,
in fleeting smiles, in passing days,
a bond that grew without a sound,
a home in hearts they slowly found.

No vows were made, no words were said,
yet dreams of “us” lived on instead,
in silent hopes, in eyes that knew,
a love so pure, so deep, so true.

But life can turn without a sign,
through paths we follow, not by design,
with voices loud and reasons strong,
it gently pulls some hearts along.

So they let go, without a fight,
no blame, no wrong, no losing right,
just two souls parting ways in time,
like fading words of an unfinished rhyme.

She walked ahead, as she was meant,
through days of duty, carefully spent,
with steady hands and quiet grace,
a practiced smile upon her face.

Yet in her heart, so still, so deep,
some tender echoes chose to sleep, not lost,
not gone, just softly there,
like whispered thoughts in silent prayer.

And in the hush of passing days,
it lives in small, unnoticed ways,
not asking more, not holding tight,
just glowing softly out of sight.

She walks alone, yet stands complete,
with quiet strength and heart discreet,
for though some loves are left behind,
they leave a gentle peace in mind.



**Sarita Naik**

**Nashville, Tennessee, USA**

# ॥ Who can Uplift Us ॥

Who can uplift us if we don’t lift ourselves?
Who can empower us if we don’t recognize the power within?
Who can enlighten us if our inner light remains unseen?
Who can give us hope if we don’t dare to dream?

Yet we can rise again and again
From the abyss of pain.

We can—and we must—lift ourselves
By the strength of our own inner selves.

As light drives away darkness,
As knowledge dissolves ignorance,
So too we can empower ourselves,
By discovering the power of our own true selves.

Who can control us if we don’t hand over that power?
Who can take our rights if we refuse to surrender them?
Who can truly insult us
If we rise above the words and actions of others?
Who can give us the strength if we do not awaken the strength within?

Who will respect us if we don’t honor ourselves?
Who will love us if we do not first love our own self?
Who will care for us if we neglect our own being?

Who will grant us happiness
If we don’t discover the bliss within?

Yet we can rise again and again
From the abyss of pain.

Not by taking, but by giving;
Not by judging, but by understanding;
Not by struggling, but by awakening the wisdom;
Not by losing hope, but by fearless striving.

We can and we must lift ourselves
By knowing the power of our own true selves.

Have faith,
Have hope,
Dare to dream.

And discover the blissful self
That shines eternally within.

For the one who can uplift us,
Is within ourselves.



**Swetapadma Dash**
**San Jose, California**



# PROSE

# ଗଦ୍ୟ

Congratulations on your purchase of the Future-Model: A-2026-D. Please note that this unit is extremely delicate; parts may be missing due to issues in empathy, deep connections, and biodiversity sectors. Failure to follow the actual steps below may result in immediate structural collapse.

### 1. Unpacking

Before you touch the physical crates, you must unpack your sensory expectations. The future you are entering is a thin glass pane. Place it on a flat, stable surface—preferably on a porch at 4:30 am, where the horizon has not been cluttered by the morning's frantic scrolling. Please ensure that all the components below are there.

The hum of the bees.

Predictable seasons.

Presence of butterflies and various songbirds.

### 2. Safety Warnings

Don't attempt to patch holes in the atmosphere with thoughts alone; it also, it requires "'Collective Actions."' Avoid social media discourses.

### 3. Warranty

This unit is sold as is. Please note that the "planet" is not a replaceable part. Handle with extreme care.

## 4. Installing Vision

Insert the Hope lens. If the view appears blurred by the footage of unrest, drone attacks, mothers desperately searching for their children, melting ice caps, sexually abused underage children, then polish the lens with a soft cloth dipped in prayer, positive thoughts, and meditation.

## 5. Troubleshooting

If the unit begins to leak tears, don't return it to the manufacturer. This is a natural bypass for the excessive pressure. Hope is a volatile fuel; if it stands improperly, it may turn into sadness. To restore clarity, you need "*Collective Empathy*" and a "*Voice for Justice*".

## 6. Completion

Once assembled, there is no reset button. Hold your breath and sit perfectly still for the beautiful future. Remember, the future is not a destination; it is a balance. Handle it gently, and with proper care, it can last longer.



**Surashri M Pahi**

**Porter, Texas**

# ॥ Designing Belonging: Lessons from Organizational Psychology and Cultural Identity ॥

Having recently completed my Master's in Organizational Psychology, I am fascinated by one central question: what makes people feel they truly belong? This question extends beyond workplaces into communities, culture, and identity.

Growing up in India and the United States while staying connected to my Odia roots gave me a unique dual perspective. On one hand, there is adaptability—the ability to navigate diverse social and cultural environments. On the other, there is grounding, a stable sense of who I am and where I come from.

In my studies, I learned that belonging is not accidental. High-performing organizations intentionally design cultures where individuals feel valued, seen, and included. This principle translates seamlessly to cultural communities. Groups like the Odisha Society of the Americas create shared meaning, reinforce identity, and provide continuity across generations.

I remember facilitating a classroom discussion on leadership and culture. Students shared stories of feeling alienated in professional settings, while others spoke of environments where cultural identity was celebrated. Listening to these stories reinforced my belief: belonging must be deliberate. Identity is a strength, not a hurdle.

Cultural integration and professional growth are not mutually exclusive; they complement each other. As part of a globally connected generation, we are not choosing between cultures. Instead, we embrace both, creating bridges between heritage and contemporary experience.

